ଚିତ୍ର ।

ପ୍ରଥମ ଖଃ ।

ବାମଣ୍ଡାଧୀଶ୍ୱର

ଶ୍ରୀମାନ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ବର୍ମ୍ମାଙ୍କ

କର୍ତ୍ତୃକ ରଚିତ ।

ଶ୍ରୀ ଦୀନବନ୍ଧୁ ବଡ଼ନାୟକ ପ୍ରେସ ସେକ୍ରେଟରୀ

ଦ୍ୱାରା ମୁଦ୍ରିତ ।

Printed at the Sudhal Press.

BAMRA.

1910.

Digitized by PPRACHIN, SOA

ପାଠକ ମାନଙ୍କ ପ୍ରତି ।

ପ୍ରଥିତ ଯଶା ଚିତ୍ର-ଧୁରନ୍ଧର ରାଜା ରବି ବର୍ମ୍ମାଙ୍କ ରଚିତ ଜୀବନ୍ତ-ପ୍ରତିମ ଭାବ-ପ୍ରକାଶକ ପାଞ୍ଚଗୋଟି ଆଲେଖ୍ୟଙ୍କୁ ଅବଲମ୍ବନ କରି ଏହା ରଚିତ ହୋଇଅଛି । ପ୍ରିୟ ପାଠକବୃନ୍ଦ ଚିତ୍ରକାରଙ୍କ ରଚିତ ଉକ୍ତ ମୂଳଚିତ୍ର ସନ୍ଦର୍ଶନ ପୂର୍ବକ ଏହା ପଠନ କଲେ କବିତାର ପ୍ରକୃତ ମାଧୁରୀ ଓ ଉଦ୍ଦେଶ୍ୟ ସହଜରେ ହୃଦୟଙ୍ଗମ କରି ପାରିବେ ।

Digitized by PPRACHIN, SOA

ଉପହାର ।

ସ୍ୱସ୍ତି ଶ୍ରୀମାନ୍ ବୀରବକ୍ରମ ସିଂହ ଦେବ ବର୍ମ୍ମା

ଉଦାର ହୃଦୟ

ଝଡ଼ଅଲଯ଼ ଅଧୀଶ୍ୱରେଷୁ ।

ପ୍ରିୟବର ,

ଚିତ୍ତହାର ଦେବ ! ତୁମ୍ଭ ଅନ୍ତର ରସିକ
ବନ୍ଧୁ-ପ୍ରେମେ ପୂର୍ଣ୍ଣ ତବ ହୃଦୟ-ସରସୀ ,
ସୁମଞ୍ଜୁଳ-ସୁକୋମଳ-କମଳ-ହିଲ୍ଲୋଳ ,
ସୌଜନ୍ୟ ଛଳରେ ଯନ୍ତି ଆସକ୍ତି-ମୃଣାଳେ
ବାନ୍ଧିବ ସଦା , ମିତ୍ର-ଉଦୟ କାଳରେ ,
କାହିଁ ଦେବ ! ଧୂପ୍ରାନ୍ତ ଛଡ଼ି ନୈବେଦ୍ୟ

ନୃମ୍ବିବ ପଶ୍ୱଗେ, ଯଥା ମତ୍ତ ମଧୁକର ?
ବିଶ୍ୱ-ପଟ୍ଟେ ସୁରଞ୍ଜିକ ସପ୍ତାଶ୍ୱ * — ଭାସ୍ୱର
ରବିସମ ରବି ବର୍ମ୍ମା, ବର୍ଣ୍ଣ-ବଇଭବେ —
ରଞ୍ଜିତ-ଆଲେଖ୍ୟ ପୁଞ୍ଜ ଭାରତୀ—ମୁକୁରେ
ବିମ୍ବିତ କରାଇ, ଭବ ଚିତ୍ତ — ବିନୋଦନେ
ସମର୍ପିଲ, ସମାଦରେ କରନ୍ତୁ ଗ୍ରହଣ ।

ତା । ୧୪ । ୯ । ୧୯୧୦	}	ସ୍ନେହାକାଙ୍କ୍ଷୀ
ଦେବଦୁର୍ଗ	}	ପ୍ରଣେତା ।

---

* ସପ୍ତବର୍ଣ୍ଣ ; ଋଗ୍ବେଦ ଅନୁସନ୍ଧେୟ , ସୂର୍ଯ୍ୟ କିରଣରେ ସପ୍ତବର୍ଣ୍ଣ ଥିବା ବିଜ୍ଞାନ ସମ୍ମତ ମଧ୍ୟ ଅଟେ ।

Digitized by PPRACHIN, SOA

ଚିତ୍ର ।

" ଶକୁନ୍ତଳାଙ୍କର ପତ୍ର ଲେଖନ "

—*୦*—

କି ସୁଖେ ସୁନ୍ଦରୀ ମଣି ! ବସିନା-ପଥରେ ,
ଉତ୍କର୍ଷ-ପ୍ରଣୟ-ଚିନ୍ତା ହୃଦୟେ ସୁନ୍ଦର ,
ଏକାଗ୍ରେ ନିବେଶି ମନ ଫୁଲ୍ଲ-ଅନ୍ତରେ
ଚିନ୍ତୁ ଅଛୁ କାନ୍ତ-ମୁଖ-ଭାବ ଅନୁସରି ?
ଦେଖୁଅଛୁ ଅନ୍ତରରେ ହୃଗତ ପ୍ରଣୟ ?
ମୂର୍ତ୍ତିମନ୍ତ ଉଭା କରେ ସୁନ୍ଦରୀ-ମୂରତେ ?
ହୃଦୟ କୁ କାନ୍ତ ପାଶେ କରି ଅଛୁ ଲୟ
ଦେଖେ କି କିଶୋର ଉଭା କିଶୋରୀ-ଅଗ୍ରତେ ?
ସମ୍ବୋଧି ମଧୁରେ ଧୀରେ "ଆର୍ଯ୍ୟପୁତ୍ର" ବୋଲି
ସଖୀ-ଅନୁରୋଧେ କରେ ଲେଖନୀ-ଚାଳନା ,
ଗାନ୍ତ ଢାଳି କିଶଳୟେ , ଭାବ-କଳ୍ପ-ବଲ୍ଲି ,
ଭବ-ଗର୍ଭ-ପ୍ରିୟଲେଖ କରନ୍ତି ରଚନା ।
ମାଳିନୀ-ତଟିନୀ-କଣା କଣବାୟୁ ଘେନି
ହରୁଅଛୁ ଶ୍ରମ ଦେଖ ବାସର-ଯୌବନେ ,

Digitized by PPRACHIN, SOA

ବଳ୍କଳ ବସନା ରମ୍ୟା ପ୍ରିୟ ସଖୀ ବେଶ ,
ବସିଛନ୍ତି ସଖୀ-ପାଶେ ଚନ୍ତାର ମଗନେ ।
ଗ୍ରୀବା-ଭଙ୍ଗେ ଅଭିରାମ କୁରଙ୍ଗ ଶାବକ ,
ସ୍ନେହନ୍ତୁ ପତିତ ମୁଖୋଚ୍ଛିଷ୍ଟ-ନୀବାରକୁ ,
ନିଃଶଙ୍କେ ଚଟିକା ପାଇଁ ପ୍ରେମାର୍ଦ୍ର-ଚିତ୍ତକା ,
ବୋଦ୍ଧି ନେଉ ଅଛୁ ଦେଖ ଆପଣା ନୀଡ଼କୁ ।
ପ୍ରେମ-ମଣି ଲଭ ଯଦ୍ୟ-ସର୍ବସ୍ୱ ଦୁର୍ଲ୍ଲଭ ,
ପ୍ରେମିକ ପ୍ରେମିକା ପକ୍ଷେ ଅଟଇ ସୁଲଭ ।

Digitized by PPRACHIN, SOA

" ଶ୍ରୀକୃଷ୍ଣ ଓ ଦୂତୀ ସହ ରାଧିକା "

——*O*——

କୃଷ୍ଣ !
ତୁମ୍ଭେ ହେ ପୁରୁଷ-ବ୍ୟାଘ୍ର ଅବ୍ରତ-ପ୍ରମାଥି ,
ଆଜି କିପାଁ ପ୍ରେମ-ମନ୍ତ୍ରେ ହୋଇଣ ଦୀକ୍ଷିତ ,
ଦେବ କୁସୁମେଷୁ ସ୍ନିଗ୍ଧ-ଜନ-ପକ୍ଷ ପାତ
କି ଗୁରୁ ଆପୁଟେ ତୁମ୍ଭେ ହୋଇଅଛ ଜାତ ?
ଅନୂଢ଼ା ରୂପସୀ ବୃଷଭାନୁ-ଢେମାନଣି ,
ବଳାହର ଭଙ୍ଗି ଯାର ସ୍ଫୁରଇ ଆନନେ ,
ଆଜି କିପାଁ ଉଭା ସେହି ରୂପ-ଖଣି-ମଣି ,
ସଙ୍ଗେ ସହଚରୀ ଘେନି ଯମୁନା-ପୁଳିନେ ?
ଭାନୁସୁତା-କଲ୍ଲୋଳିନୀ-ଶୈତ୍ୟ ସମୀରଣ ,
ବହୁଅଛି ଧୀରେ ଧୀରେ ଅଳକ କମ୍ପାଇ ,
ଲଲାଟ-ସ୍ୱେଦ-ବିନ୍ଦୁ ପୁଣି କରୁଛି ହରଣ ,
ଯେମନ୍ତ କା ହୃଦୟ ପ୍ରେମେ ନୀରବେ ମଜାଇ ।
ଅରୁଣ-କୁଙ୍କୁମ ଲିପ୍ତ ବାରୁଣୀ-ଗଗନ ,
ପ୍ରତୀଚୀ-ତରମ୍ଭାତଳ ବନାଳ-ପ୍ରାନ୍ତରେ

Digitized by PPRACHIN, SOA

ସର୍ବଗ୍ରାସୀ-ଦାବାନଳ-ଲେଲିହ୍ୱତ-ଜ୍ୱଳନ-
ପସ୍ୱାଏ ମିହିର-କର ଝଗନ୍ତ ପଃରେ ।
  କୃଷ୍ଣ !
କାହିଁ ତବ ଶ୍ୟାମ ମୂର୍ତ୍ତି ? କାହିଁ ସୁଦର୍ଶନ ?
କଁପାଇ ମୋହନ-ବେଣୁ ଚୁମ୍ବଇ ଅଧରେ ?
କାହିଁ ସେ କୌସ୍ତୁଭ ତବ ହୃଦ-ଅସଞ୍ଜନ ?
ଚହ୍ଲାଇ ଦଅଇ କଁପା ଲଲିତା ସଖିରେ ?
ନାହିଁ ଏବେ ତବ ସଖା ପାଣ୍ଡବ-ଅଗ୍ରଣୀ
ଦୁସ୍ତର-କୁରୁ-ସମର — ସାଗର ତରଣୀ
ବୁଡ଼ିବାକୁ ତବ ହସ୍ତ , ଦେବ.ଦେବାଗ୍ରଣୀ !

Digitized by PPRACHIN, SOA

" ଗଙ୍ଗାବତରଣ "

——*O*——

ଚକ୍ରବାଳ-ସୀମାବ୍ୟାପି ହିମାଦ୍ରି ଅଚଳ
ଫେନିଳ-ଲହରୀ-ଲୋଳ ଜଳଧି ପର୍ଯ୍ୟଏ ,
ପରଶିଛି ଶୃଙ୍ଗ ପୁଣି କାଦମ୍ବ-ପଟଳ
ବିସ୍ତୃତ ସୁନୀଳାମ୍ବର ଯାର ପାଦ ଯାଏ ।
ନଷ୍ଟକ୍ଷ୍ମ ଅନଳ ଶିଖା ପର୍ଯ୍ୟଏ ଅଟଳ
ଭୀମମୂର୍ତ୍ତି ଭର୍ଗ ଆଜ ଭଗିରଥ ପ୍ରତି
ଶିବଦ , ସୁଯମ ଆଜ ହୋଇଛି ଚଞ୍ଚଳ ,
ଅବତରେ ମୂର୍ତ୍ତିମତୀ ଗଙ୍ଗା-ସ୍ରୋତସ୍ୱତୀ ।
ଆକାଶୁଁ ଓହ୍ଲାଇ ଅବା ସଂଯୋଗୀ ଦାମିନୀ †
ପରଶିବ ଭୂମିପୃଷ୍ଠେ ତୁଙ୍ଗ ଗିରିବର
ମିଶାଇବ କୃଷ୍ଣ ଅଭ୍ର ସଙ୍ଗେ କାଦମ୍ବିନୀ ‡

---

† Positive Electricity.

‡ ମେଘ ସଂଯୋଗ ପାଇଁ ବିଦ୍ୟୁତ୍ କାରଣ ଅଟେ ।
ଏଣୁ ଗଙ୍ଗାର ଜଳଧାରା କାଦମ୍ବିନୀ ଓ ମହାଦେବଙ୍କର

Digitized by PPRACHIN, SOA

ବୈପରୀତ୍ୟ ଗୁଣ * ଯୋଗେ ହେଲେ ଭୂଧର ।
ପାଣ୍ଡବ-ସୁଲଭ-ହାସେ ହାସିତ ବୃଷଭ
ପୁଣି ପାର୍ଶ୍ୱେ ଚିନ୍ତାଶୀଳା ନଗେନ୍ଦ୍ର-ନନ୍ଦିନୀ,
ରମଣୀ-ସ୍ୱଭାବ-ଦ୍ୱେଷ-ସପତ୍ନୀ-ଉଦ୍ଭବ -
ଈର୍ଷାନଳ-ଧୂମ୍ର-ଧାରା ପ୍ରାୟ ମନ୍ଦାକିନୀ ।
ସାଗର-ବୃନ୍ଦନାଶ୍ରିତ-କଣ୍ଠୀଧାର-ଧାର—
ରାଜର୍ଷି-ସତ୍ତମ ଆଜ ବୈଖାନସ ବ୍ରତେ
ଉଗ୍ର ଭଗୀରଥ ସୂର୍ଯ୍ୟ-ବଂଶଜ-ମିହିର
ମୂର୍ତ୍ତିମନ୍ତ-କୃତଜ୍ଞତା ପରାଏ ଅଗ୍ରତେ ।
କୃତ ମାନ୍ ବ୍ୟକ୍ତି ଏକା କର୍ତ୍ତବ୍ୟ ସାଧକ
ଏକାଗ୍ରତା ଅଟେ ଯେଣୁ କାର୍ଯ୍ୟ ନିୟାମକ ।

ଭୀମ କେଶଗ୍ରନ୍ଥି କୃଷ୍ଣ ଅଭ୍ର , ମୂର୍ତ୍ତି· ଶ୍ରୀ ଗଙ୍ଗାଦେବୀଙ୍କ ଠାରେ ଦାମିନୀ କଳ୍ପନା ।

* ମେଘ ପକ୍ଷରେ ସଂଯୋଗୀ ବିଯୋଗୀ , ସଂଯମୀ ମହାଦେବଙ୍କ ପକ୍ଷେ କାମାସକ୍ତ ।

Digitized by PPRACHIN, SOA

" ଯମୁନା କୂଳେ ରାଧିକା ଓ ସଖୀ ଲଳିତା "

——*○*——

ସଖି !
କାହିଁ ମୋ କୌମାର-ହର ହୃଦୟ-ଦେବତା ?
କାହିଁ ସେହି ପ୍ରେମାକାଶ ଉଦିତ ଭାସ୍କର ?
କାହିଁ ହୃଦୁଗଜ ଛଡ଼ ବାସନ୍ତିକ ଲତା ?
କାହିଁ ମଧୁକାଳ-ପ୍ରିୟ-ମତ୍ତ ମଧୁକର ?
ଗୁନ୍ଥିଲି କୁସୁମମାଳା ଅତି ଯତ୍ନ କରି,
ଥୋଇଥିଲି ଲମ୍ବାଇବ କଣ୍ଠରେ ପ୍ରିୟର
ଏବେ ହେଲା ସେହି ମାଳା ଅଯୋଗ୍ୟ ତାଙ୍କର,
କାହିଁ ଗଲେ କହ ସଖି ! ସେହି ପ୍ରିୟ ବର ?
କେଉଁ ଯୋଗେ ଅରମ୍ଭିଲ କୁସୁମ-ଚୟନ ,
ପୂଜିବାକୁ ମୋର ପ୍ରେମ-ତରି-କଣ୍ଡିଆରେ ,
ରହିଲ କୁସୁମ-ଦାମ, କଲଣି ଦଂଶନ
କାଳମୁଖ-ବ୍ୟାଳୀ ସମ ଦୁଃଖିନୀ-ଅନ୍ତରେ !
କାନ୍ତର ଅଯୋଗ୍ୟ ଯାହା, ସେ କପାଁ ମୋହର
କି ବୋଲି ଆଦରେ ତାଙ୍କୁ ପରଶିବି ସଖି !

Digitized by PPRACHIN, SOA

ଥାଉ ଏବେ ଲେଉଡା ନାହିଁ ସେ ଦାମ-ସୁନ୍ଦର
କାହିଁ ଗଲେ କହ ମୋର ପ୍ରଣୟ - ପାରକ୍ଷି ?
ସଖି !

କଲ୍ଲୋଲିନୀ-ପାରେ ଦେଖ ନମେରୁ-ବନାଳି,
ଅଭ୍ରଂଲିହ-ଚୂଡା ହେର ଯମୁନା-ଦର୍ପଣେ,
ପ୍ରିୟ-ଅଦର୍ଶନ ଦୁଃଖ ନପାରି ସମ୍ଭାଳି,
ସ୍ଥିର ଅଛ ଉଭା ହରେ ବିଷାଦ-ମଗନେ !
ଚନ୍ଦ୍ରାଶୀଳା-ପାଶେ ସଖି ! ବିହର୍ଷ-ବଦନା
ବୟସ୍ୟା-ହୃଦୟ-ଦୁଃଖ କରଇ କଳନା !

Digitized by PPRACHIN, SOA

" ମୋହିନୀ "

——✻——

ମୋହିନୀ-ମୋହନ--ଛବି ଭବେ ଅତୁଳନ ,
ବିଳାସ-ହିଲ୍ଲୋଳ-ଇଚ୍ଛାବତୀ-ମୂର୍ତ୍ତିମତୀ
ପଞ୍ଚବାଣ--କ୍ଳିଷ୍ଟଶର , ଅବା ପ୍ରଲୋଭନ ?
ଅବା ସୁରନଦୀ ଲୀଳାବତୀ-କୁମୁଦ୍ୱତୀ ?
ଦୋହଲଇ ଦୋହଲଇ ତରଙ୍ଗ ସୁନ୍ଦରୀ,
ଅଗ୍ରଯାତ୍ରୀ ହେବା କାଳେ ସମ୍ମୁଖ-ଗ୍ରାବକୁ
ଜିଣିବ ଉଚ୍ଚରେ ଛୁଟେ ରମ୍ୟା--କୃଶୋଦରୀ ,
ବନ୍ଧୁର-ତରଙ୍ଗ-ଶୋଭା ଦେଖାଇ ପ୍ରିୟକୁ ?
ଉଡଇ ପଣତ ନୀୟମାନ-ବୈଜୟନ୍ତ—
ପଦ୍ମୀଏ ଶ୍ରୀଅଙ୍ଗ ଯଷ୍ଟି ଯେ କାଳେ ଦୋହଲ
ତରୁଶାଖା-ବିଲମ୍ବିତ-ସ୍ତବକ-ଶୋଭିତ—
ବାୟୁ-ବିଧୂନନ-ଶୋଭା ନେଉଥାଏ କଳି ।
କି ଅବା ଗୋଧୂଳି-ତାରା ପଶ୍ଚିମାଶା - ପଟେ
ରଞ୍ଜିତ ସନ୍ଧ୍ୟାଭ୍ର ସଙ୍ଗେ ଫୁଟି ବାହାରଇ
ଅଥବା ଶାରଦ-ଶଶୀ ଶ୍ୟାମ-ଗିରି ତଟେ
ମୋହିନୀ-ବଦନ-ଛଳେ, ଶୋଭା ପ୍ରକାଶଇ ?

Digitized by PPRACHIN, SOA

ବଶ୍ମ-ବିମୋହିନୀ-ଅସଂଯତ-କେଶ ପାଶ
ଲଟେ କି ସୁନୀଳ-କଲ୍ଲୋଳ-ଲହରୀ-ଲହରେ ?
ମୁଖ-ଶିଖୀ ସାରସ ବା ହଂସୀର ସଙ୍କାଶ ?
ଭସି ଯାଉଅଛି ଯେସନେ କାଳନ୍ଦୀ-ସ୍ରୋତରେ ?
ନାସା-ଅତିକ୍ରମ କରି ଅପୀତ ଶ୍ରେମାଳ
ବରହଣୀ-ଧୂମଧାର ବିନିହ-ବନ୍ଧୀର—
ପଷ୍ଟଏ ଦୁକୂଳ ଦେହ ଉରଜ—ପ୍ରଣାଳୀ
ଇନ୍ଦ୍ରନୀଳ-ହାର-ଛଳେ ଦଂଶଇ ଚୁମ୍ବନ ।
ସୁରଚାପ ଅବା ଯେନ୍ଥେ ଯୌବନ-ଲତିକା ।
କାଁଥାଇ ଭ୍ରୂଲତାରେ ସୁନ୍ଦରୀ-ଆନନେ ?
ମୋହିନୀ-ମୋହନ-ମନ୍ତ୍ର ଅକ୍ଷର ତୁଳିକା ।
ତ୍ରିନୟ୍ତ—କଟାକ୍ଷ ଅବା ଅପାଙ୍ଗ-ଦର୍ଶନେ ?
ସୁନୀଳା-ନିପୁଣା ଯଦି ବ୍ରାହ୍ମୀ-ପ୍ରେମିକୀ
ହୁଅଇ ସେ ପ୍ରେମୀର ପ୍ରାଣ ଅହ୍ଲାଦିନୀ ।

Digitized by PPRACHIN, SOA